## ଦୋକାନ ଉପରେ ପାଡ଼ିଗଲା ଟ୍ରକ୍

ଫୁଲନଖରା,(ଡି.ଏନ୍.ଏ.)- ୧୬ ନମ୍ବର ଜାତୀୟ ରାଜପଥର ବର୍ଣ୍ଣକୁଦ ଛକ ନିକଟ ଗ୍ରାଣ୍ଡ ବଜାରଠାରେ ଶନିବାର ସକାଳେ ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ ଭାରସାମ୍ୟ ହରାଇ ପରିବା ଦୋକାନ ଉପରକୁ ମାଡିଯାଇ ଓଲଟି ପଡିଥିଲା। ଏଥିରେ ଦୋକାନ କ୍ୟାବିନ୍ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଟ୍ରକ ଚାଳକ ରକ୍ଷା ପାଇଯାଇଛନ୍ତି। ଟ୍ରକଟି ଜଟଣୀରୁ ଗ୍ୟାସ ସିଲିଣ୍ଡର ବୋଝେଇ କରି କଟକ ଅଭିମୁଖେ ଯାଉଥିଲା। ହେଲେ ଚାଳକଙ୍କ ଅସାବଧାନତା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଖବରପାଇ ଫୁଲନଖରା ଟ୍ରାଫିକ ଥାନା ଓ କଟକ ସଦର ପୋଲିସ ପହଞ୍ଚି ତଦନ୍ତ କରିଥିଲା।

# ଟାଇନାକୁ ଲମ୍ବିଛି ଭାଲୁ ର୍ୟାକେଟ

**ରାସ୍ତାରୁ ଭାଲୁ ଛୁଆ ଉଦ୍ଧାର ଘଟଣା**

- ପିସିସିଏଫ୍‌ଙ୍କ ତଦନ୍ତ ନିର୍ଦ୍ଦେଶ
- ଅନ୍ତର୍ଜାତୀୟ ବଜାରରେ ରହିଛି ଭାଲୁ ପିତ୍ତ ଚାହିଦା
- କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌କୁ ତଦନ୍ତ ଭାର ଦିଆଯାଉ



ଖୋର୍ଦ୍ଧା ଅଫିସ,୨୪।୪

ଖୋର୍ଦ୍ଧାର ପିତାପଲ୍ଲୀ-ଗଙ୍ଗପଡ଼ା ରାସ୍ତା ପାର୍ଶ୍ୱସ୍ଥ ଭୁଆସୁଣୀ ମନ୍ଦିର ନିକଟରୁ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଗତ ଗୁରୁବାର ୫ଟି ଭାଲୁଛୁଆକୁ ଉଦ୍ଧାର କରିଥିଲେ। ସେହିପରି ଉକ୍ତ ଦିନ ସନ୍ଧ୍ୟାରେ ଗଡ଼ଖୋର୍ଦ୍ଧାରୁ ୨ଟି ଭାଲୁଛୁଆକୁ ଉଦ୍ଧାର କରାଯାଇଥିଲା। ସମସ୍ତ ଭାଲୁଛୁଆକୁ ନନ୍ଦନକାନନକୁ ପଠାଇ ଦିଆଯାଇଥିଲା। ତେବେ ଗୋଟିଏ ଦିନରେ ଚନ୍ଦକା ଜଙ୍ଗଲରୁ ୭ଟି ଭାଲୁଛୁଆ ଖସି ଆସିବାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ଏଥିରେ ଏକ ର୍ୟାକେଟ ସମ୍ପୃକ୍ତ ରହିଥିବା ସନ୍ଦେହ କରାଯାଉଛି। ଏପରି କି ଏହି ର୍ୟାକେଟର ଚେର ଚାଇନାକୁ ଲମ୍ବିଥିବା କୁହାଯାଉଛି। ଅନ୍ୟପଟେ ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟର ଅଫ ଫରେଷ୍ଟ(ପିସିସିଏଫ) ଏହାର ତଦନ୍ତ ପାଇଁ ରିଜିଓନାଲ ଚିଫ୍ କଞ୍ଜରଭେଟର ଅଫ ଫରେଷ୍ଟ (ଆରସିସିଏଫ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୋଭିଡ୍ ସଂକ୍ରମଣ ଲାଗି ରାଜ୍ୟରେ ନାଇଟ କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏଥିସହ ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଚେକିଂ କଡ଼ାକଡ଼ି କରାଯାଇଛି। କୌଣସି ସ୍ଥାନରୁ ଭାଲୁ ଛୁଆକୁ ଧରି ଓଡ଼ିଶା ସୀମା ଦେଇ ବାହାର ରାଜ୍ୟକୁ ଚାଲାଣ ଲାଗି ଯୋଜନା କରିଥିବା ବେଳେ ଧରାପଡିଯିବା ଭୟରେ ଭାଲୁଛୁଆକୁ ପିତାପଲ୍ଲୀ ରାସ୍ତାକଡରେ ଛାଡି ଚାଲିଯାଇଥିବା ସନ୍ଦେହ ଉପୁଜୁଛି। ଉଦ୍ଧାର ଭାଲୁଛୁଆ ମଧ୍ୟରେ ୨ଟି ବଡ ଏବଂ ୩ଟି ଶିଶୁ ରହିଥିଲେ। ସେମାନଙ୍କ ପାଖରେ ମା' ଭାଲୁ ନ ଥିବା ଏବଂ ସମସ୍ତ ଭାଲୁଛୁଆ ରାସ୍ତା ଉପରେ ଖେଳୁଥିବା ଦେଖିବାକୁ ମିଳିଥିଲା। କେତେଜଣ ପରିବେଶବିତ୍‌ଙ୍କ କହିବାନୁଯାୟୀ, ଅନ୍ତର୍ଜାତୀୟ ବଜାରରେ ଭାଲୁର ପିତ୍ତ ଚାହିଦା ରହିଛି। ଚାଇନାରେ ଏହାର ବହୁଳ ବ୍ୟବହାର କରାଯାଉଛି। ଅନ୍ତର୍ଜାତୀୟ ବଜାରରେ ଭାଲୁଛୁଆର ପିତ୍ତକୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରାଯାଉଛି। ତେବେ ଭାଲୁଛୁଆକୁ ରାଜ୍ୟର ବିଭିନ୍ନ ଅଞ୍ଚଳର ଜଙ୍ଗଲରୁ ସଂଗ୍ରହ କରାଯାଇ ଓଡ଼ିଶା ସୀମାନ୍ତ ଝାଡଖଣ୍ଡ, ପଶ୍ଚିମବଙ୍ଗ ତଥା ଚାଇନା ସୀମାନ୍ତବର୍ତ୍ତୀ ଅଞ୍ଚଳ ଅରୁଣାଚଳ ପ୍ରଦେଶ ଦେଇ ଚାଲାଣ କରାଯାଉଥିବା ସନ୍ଦେହ କରାଯାଉଛି। ଖୋର୍ଦ୍ଧା ପିତାପଲୀ ରାସ୍ତାକୁ ଭାଲଛୁଆ ଚୋରାଚାଲାଣର ଗଳା ବାଟ ଭାବେ ବ୍ୟବହାର କରାଯାଉଛି। ପୂର୍ବରୁ ବାଘଛାଲ, ବଜ୍ରକାପ୍ତା ଏବଂ ସାପ ବିଷକୁ ଅନ୍ତର୍ଜାତୀୟ ବଜାରରେ ବିକ୍ରି ଲାଗି ଚୋରାଚାଲାଣ ବେଳେ ଧରାପଡିଛି। ବାଘଛାଲ ର୍ୟାକେଟକୁ ବନ ବିଭାଗ ଧରିବାରେ ସଫଳ ହୋଇପାରିନାହିଁ। ବନ ବିଭାଗ ଅବହେଳାରୁ ଜଙ୍ଗଲରେ ବନ୍ୟଜନ୍ତୁ ସୁରକ୍ଷିତ ନୁହନ୍ତି। ଏହି ଘଟଣାର ଯାଞ୍ଚ ଲାଗି କ୍ରାଇମବାଞ୍ଚ ଏସ୍‌ଟିଏଫ୍‌କୁ ଦିଆଯାଉ ବୋଲି ପରିବେଶପ୍ରେମୀମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ୨ ଗୋଷ୍ଠୀ ମଧ୍ୟରେ ମାରପିଟ: ୫ ଆହତ

କଟକ ସଦର,୨୪।୪(ଡି.ଏନ୍.ଏ.): କନ୍ଦରପୁର ଥାନା ଅଧୀନ ରଘୁନାଥପୁର ସାମଲସାହିରେ ଶୁକ୍ରବାର ରାତିରେ ଚାନ୍ଦା ଆଦାୟକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଏଥିରେ ଉଭୟ ପକ୍ଷର ୫ ଜଣ ଆହତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା(ନଂ.୧୦୨,୧୦୩/୨୧) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଅଷ୍ଟପ୍ରହର ପାଇଁ ଚାନ୍ଦା ଆଦାୟକୁ ନେଇ ଉଭୟ ଗୋଷ୍ଠୀ ପରସ୍ପରକୁ ଖଣ୍ଡା, ବାଡି ଓ ଲୁହାପାଇପ୍‌ରେ ଆକ୍ରମଣ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନା ପଠାଇଥିଲା। ଉତ୍ତେଜନା ଲାଗି ରହିଥିବାରୁ ଗଣ୍ଡଗୋଳ ସ୍ଥଳରେ ପୋଲିସ ମୁତୟନ କରାଯାଇଛି। ଏହି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ସତ୍ୟଜିତ୍ ଦାସ କହିଛନ୍ତି।

### ପୋଡ଼ି ହୋଇ ମହିଳା ଗୁରୁତର

ଖୁଣ୍ଟୁଣୀ,୨୪।୪(ଡି.ଏନ୍.ଏ.): ଶନିବାର ପୂର୍ବାହ୍ନରେ ନିଆଁରେ ପୋଡି ହୋଇ ଗୁରୁଡ଼ିଝାଟିଆ ଥାନା ଅଧୀନ କୋଲଥପଙ୍ଗୀ ଗ୍ରାମର ଆରତୀ ନାଏକ (୩୫) ଗୁରୁତର ହୋଇଛନ୍ତି। ସେ ଘର ଚୁଲିରେ ରୋଷେଇ କରୁଥିବାବେଳେ ଅସାବଧାନତା ବଶତଃ ତାଙ୍କ ଲୁଗାରେ ନିଆଁ ଲାଗିଯାଇଥିଲା। ଫଳରେ ତାଙ୍କ ଶରୀରର ଅଧିକାଂଶ ଅଂଶ ପୋଡିଯିବାରୁ ପରିବାର ଲୋକେ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

### ସ୍ତ୍ରୀଙ୍କୁ କଇଁଚିରେ ଆକ୍ରମଣ କଲେ ସ୍ୱାମୀ

ଚୌଦ୍ୱାର,୨୪।୪(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅଧୀନ ଖର୍ଦ୍ଧାସାହି ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ମୁଣ୍ଡକୁ କଇଁଚିରେ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନା ପଠାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଖର୍ଦ୍ଧାସାହି ଅଞ୍ଚଳର ଫକୀର ସାହୁ ନାମକ ଜଣେ ଟେଲର ଦୋକାନୀ ଓ ତାଙ୍କ ସ୍ତ୍ରୀ ବାସନ୍ତୀଙ୍କ ମଧ୍ୟରେ ଶନିବାର ଅପରାହ୍ନରେ କୌଣସି କାରଣକୁ ନେଇ କଥା କଟାକଟି ହୋଇଥିଲା। ଏଥିରେ ଫକୀର ଉତ୍‌କ୍ଷିପ୍ତ ହୋଇ କପଡା କାଟୁଥିବା କଇଁଚିରେ ବାସନ୍ତୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ବାସନ୍ତୀଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବାରୁ ସେ ଗୁରୁତର ହୋଇପଡିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାସନ୍ତୀଙ୍କୁ ଚିକିତ୍ସା ପାଇଁ ପଠାଇବା ସହିତ ଫକୀରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

# ଶଟ୍‌ଡାଉନରେ ରାସ୍ତାରେ ବସିଲେ ମହିଳା



ରାସ୍ତାରୋକୋ କରିଥିବା ମହିଳାମାନେ।

- ଜମି ବିବାଦରୁ ୨ଜଣଙ୍କୁ ଉଠାଇ ନେଉଥିଲା ପୋଲିସ
- ଜଣେ ବ୍ୟକ୍ତିଙ୍କ ଜମି ଜବରଦଖଲ କରିଥିବା ଅଭିଯୋଗ

ବାରଙ୍ଗ,୨୪।୪(ଡି.ଏନ୍.ଏ.)

ବାରଙ୍ଗରେ ସପ୍ତାହାନ୍ତ ଶଟ୍‌ଡାଉନ ଚାଲିଥିବାବେଳେ ଗୋଡିସାହି ଫାଣ୍ଡି ଅଧୀନ ଗୁଆକୋଲିମୁଣ୍ଡିଆ ଗ୍ରାମର ଏକ ଜମି ଦଖଲ ଅଭିଯୋଗରେ ପୋଲିସ ଶନିବାର ୨ଜଣଙ୍କୁ ଉଠାଇ ନେବାବେଳେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ଉତ୍ତ୍ୟକ୍ତ ହୋଇ ପିସିଆର ଭ୍ୟାନକୁ ଛାଡି ନ ଥିଲେ। ଏପରିକି ଗ୍ରାମର ମହିଳାମାନେ ବାରଙ୍ଗ-ବାଙ୍କୀ ମୁଖ୍ୟରାସ୍ତାକୁ ୨ଘଣ୍ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ପରେ ପୋଲିସ ଅଧିକାରୀମାନେ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୁ ହଟିଥିଲେ।

ସୂଚନା ଅନୁଯାୟୀ, ଗୁଆକୋଲିମୁଣ୍ଡିଆ ଗ୍ରାମବାସୀ ଏହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଜମି ଉପରେ ଜବରଦଖଲ କରିଥିବା ନେଇ ୨୦ଦିନ ତଳେ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଗ୍ରାମବାସୀ ମଧ୍ୟ ଉକ୍ତ ଜମି ମାଲିକଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ୨ ଅଭିଯୋଗ ଆଧାରରେ ଫାଣ୍ଡିକୁ ଯାଇ ନୋଟିସରେ ଦସ୍ତଖତ କରିବାକୁ ଥିଲେ ମଧ୍ୟ ଗ୍ରାମବାସୀ ଯାଉ ନ ଥିବାରୁ ଶୁକ୍ରବାର ଫାଣ୍ଡିରେ ୨ଜଣଙ୍କୁ ଅଟକ ରଖାଯାଇଛି। ଶନିବାର ପୋଲିସ ଗ୍ରାମରେ ପହଞ୍ଚି ଆଉ ୨ଜଣଙ୍କୁ ଉଠାଇବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ବିରୋଧ କରି ପିସିଆର ଭ୍ୟାନକୁ ଅଟକାଇବା ସହ ରାସ୍ତା ଅବରୋଧ କରିଥିଲେ। ଖବରପାଇ କଟକ ଜୋନ ୪ ଏସିପି ସତ୍ୟରଞ୍ଜନ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ମହିଳା ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ତେବେ ବାରଙ୍ଗ ଥାନାଧିକାରୀ ଶଶିକାନ୍ତ ରାଉତ ଆସି ୨ ମହିଳାଙ୍କୁ ମାଡ଼ମାରିବା ସହ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗ କରିଛନ୍ତି । ପରେ ଏସିପି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଘଟଣାସ୍ଥଳରେ ମର୍କତ ନଗର ଥାନାଧିକାରୀ ପ୍ରଦୀପ୍ତ କିଶୋର ନାୟକ, ସିଡିଏ ଫେଜ୍-୨ ଥାନାଧିକାରୀ ସନ୍ଧ୍ୟାରାଣୀ ସିଂ ଏବଂ ଏକ ପ୍ଲାଟୁନ ଫୋର୍ସ ଉପସ୍ଥିତ ଥିଲେ।

## ୧୬,୮୦୦ ଲିଟର ମଦ, ପୋଚ ନଷ୍ଟ

**ବନ, ଅବକାରୀ ବିଭାଗର ଚଢ଼ାଉ**

ଖୁଣ୍ଟୁଣୀ,୨୪।୪(ଡି.ଏନ୍.ଏ.)

ଗୁରୁଡ଼ିଝାଟିଆ ଥାନା ଅଞ୍ଚଳରେ ଦୀର୍ଘଦିନ ହେବ ବେଆଇନ ଭାବେ ଦେଶୀ ମଦ ରନ୍ଧା ଯାଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଥିଲା। ଏହି ଖବର ମିଳିବା ପରେ ଶନିବାର ବନ ଓ ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ମଗଧା ଓ ଶରଢ଼ ପଡ଼ିଆରେ ଚଢାଉ କରାଯାଇ ୧୬,୮୦୦ ଲିଟର ମଦ ଓ ପୋଚ ଜବତ କରାଯିବା ସହ ନଷ୍ଟ କରାଯାଇଛି। ଏହି ଅଞ୍ଚଳରେ ମଦ ମାଫିଆମାନେ ବଡବଡ ଗାତ ଖୋଳିବା ପରେ ଅସ୍ଥାୟୀ କୁଡ଼ିଆ କରି ମଦ ପ୍ରସ୍ତୁତ କରି ଆସୁଥିଲେ। ପରେ ଉକ୍ତ ମଦକୁ କଟକ, ଢେଙ୍କାନାଳ, ବାରଙ୍ଗ, ଚୌଦ୍ୱାର ସମେତ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିଲା ବୋଲି କଟକ ଅବକାରୀ ମୋବାଇଲ ଇନ୍ସପେକ୍ଟର ସଞ୍ଜିତ ବାର୍ଲା କହିଛନ୍ତି। ଜବତ ମଦ ଓ ପୋଚର ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅବକାରୀ ବିଭାଗ କହିଛି। ଆଠଗଡ଼ ଡିଏଫଓ ଗୋପୀନାଥ ସୁଦର୍ଶନ ଯାଦବ ଓ ଜିଲା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲଙ୍କ ନେତୃତ୍ୱରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ସିଂ ପାଲ ମାଥୁର୍, ପ୍ରବୀର କୁମାର ସାମଲ, ଇନ୍ସପେକ୍ଟର ପ୍ରଭାତ ଚୌଧୁରୀ, ଫ୍ଲାଇଂ ସ୍କ୍ୱାଡ୍ ଇନ୍ସପେକ୍ଟର ସରୋଜ ପରିଡା, ବିଜୟ ଭଞ୍ଜ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଭାତ



@ ସୁଧାକର



@ ମହେଶ



@ ରଞ୍ଜିତ୍



@ ସୌମ୍ୟ



@ ସ୍ୱସ୍ତିକ



@ ଶୈଲେନ

# ସ୍ୱର୍ଣ୍ଣାଦ୍ରି ବିଜେ କଲେ ଶ୍ରୀଲିଙ୍ଗରାଜ



ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥକୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି।

ଭୁବନେଶ୍ୱର(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୨୪।୪ (ଡି.ଏନ୍.ଏ.)

**ଦିନକରେ ସରିଲା ବାହୁଡ଼ା ଯାତ୍ରା**

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ସୁରୁଖୁରୁରେ ସରିଛି। ଶନିବାର ଭଉଣୀ ରୁକୁଣା ଦେବୀଙ୍କ ସହ ସ୍ୱମନ୍ଦିର ବାହୁଡ଼ିଛନ୍ତି ଠାକୁର। ଅପରାହ୍ନ ୧ଟା ୨୫ରେ ରଥଟଣା ଆରମ୍ଭ ହୋଇଥିଲା। କରୋନା ପାଇଁ ଭକ୍ତଙ୍କୁ ବାରଣ କରାଯାଇଥିବାରୁ ପୋଲିସ ଓ ସେବାୟତ ରଥ ଟାଣିଥିଲେ। ଅପରାହ୍ନ ୫ଟା ୨୦ରେ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ନିକଟ ରଥଖଳାରେ ପହଞ୍ଚିବା ପରେ ସ୍ୱର୍ଣ୍ଣାଦ୍ରି ବିଜେ କରିଥିଲେ।

ଦୈନିକ ନୀତି (ରାମେଶ୍ୱର ମନ୍ଦିର ଓ ଶ୍ରୀଲିଙ୍ଗରାଜ ମନ୍ଦିର), ମଙ୍ଗଳ ଆଳତି ଓ ଅବକାଶ ସରିବା ପରେ ରୋଷ ହୋମ କରାଯାଇଥିଲା। ଛାମୁ ପରିଷ୍କାର ପରେ ସକାଳ ୮ଟାରେ ମହାସ୍ନାନ ଦିଆଯାଇ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା କରାଯାଇଥିଲା। ୧୦ଟା ୨୦ରେ ଭୋଗ ମଣ୍ଡପ ନୀତି ସମାପନ ହୋଇଥିଲା। ରାମେଶ୍ୱର ମନ୍ଦିରରେ ସକାଳ ଧୂପ ୧୧ଟା ୫୨ରେ ସରିଥିଲା। ମଧ୍ୟାହ୍ନ ୧୨ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ୧୨ଟା ୩୦ରେ ଶ୍ରୀଜୀଉଙ୍କୁ ରଥାରୂଢ଼ କରାଯାଇଥିଲା। ଅପରାହ୍ନ ୧ଟା ୫୫ରେ ଅସୁରକିଆରିଠାରେ ଠାକୁରଙ୍କ ଦ୍ୱିପ୍ରହର ଧୂପ କରାଯାଇଥିଲା। ଏହା ପରେ ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ, ବଡୁ ନିଯୋଗରେ ଶ୍ରୀଜୀଉମାନେ ପଣା ଭୋଗ ଖାଇ କପାଳୀ ମଠରେ ପହଞ୍ଚିଥିଲେ। ସେଠାରେ ପାଲିଙ୍କିରେ ମନ୍ଦିରରୁ ମା' ପାର୍ବତୀ ରଥ ନିକଟକୁ ଆସିଥିଲେ। ପୂଜାପଣ୍ଡା ସେବକମାନେ ଆଜ୍ଞାମାଳ ଦେଇସାରିବା ପରେ ମା' ପାର୍ବତୀ ରଥ କାଠ ଭାଙ୍ଗି ମନ୍ଦିରରେ ଥିବା ଚାହାଣି ମଣ୍ଡପରେ ବିରାଜମାନ କରିଥିଲେ। ରଥଖଳାରେ ପହଞ୍ଚିବା ପରେ ରଥରେ ଚାରମାଳ ବନ୍ଧା ଯାଇଥିଲା। ସନ୍ଧ୍ୟାଧୂପ ନୀତିରେ ୨ଟି ପଣା ହାଣ୍ଡି ଭୋଗ କରାଯାଇଥିଲା। ପୂଜାପଣ୍ଡା ସେବକ ଗୋଟିଏ ପଣା ହାଣ୍ଡିକୁ ରଥ ଉପରେ ଭାଙ୍ଗିଥିଲେ। ଉକ୍ତ ପଣାକୁ ରଥରେ ଥିବା ଚଣ୍ଡୀ, ଚାମୁଣ୍ଡା ଦେବଦେବୀ ପାଇଥିଲେ। ଭେଟ ଆଳତି ପରେ ଶ୍ରୀଜୀଉଙ୍କ ସ୍ୱର୍ଣ୍ଣାଦ୍ରି ବିଜେ ପହଣ୍ଡି ଆରମ୍ଭ କରାଯାଇଥିଲା। ଶ୍ରୀଜୀଉ ମନ୍ଦିରର ଦକ୍ଷିଣ ଘରେ ପହଞ୍ଚି ଆସନ୍ତା ଚନ୍ଦନ ଯାତ୍ରାରେ ମା' ପାର୍ବତୀଙ୍କୁ ନେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଦିଅଁ ସ୍ୱର୍ଣ୍ଣାଦ୍ରୀ ବିଜେ କରିଥିଲେ।

**ସେବାୟତଙ୍କ କଥା ବୁଝିଲେ ଜିଲାପାଳ**

ରଥଟଣା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମନ୍ଦିର ପ୍ରଶାସନର ଅଧକ୍ଷ ତଥା ଜିଲାପାଳ ସନତ ମହାନ୍ତି ଉପସ୍ଥିତ ରହିଥିଲେ। ତେବେ ରଥ ଦାଣ୍ଡରେ ଭୋଇ ସେବାୟତଙ୍କ ଖରଡା ପକାଉଥିବା କାର୍ଯ୍ୟକୁ ଦେଖି ଉତ୍ସାହିତ କରିଥିଲେ। ସେବାୟତ ବୈକୁଣ୍ଠ ଭୋଇଙ୍କୁ ଜିଲାପାଳ ଖରଡା ପକାଇବାବେଳେ କିପରି ସାବଧାନତା ଅବଲମ୍ବନ କରିବାକୁ ପଡିଥାଏ ସେ ସମ୍ପର୍କରେ ପଚାରି ବୁଝୁଥିଲେ।

**ରଥଖଳାରେ ଜେଲ ଫେରନ୍ତା ବାବା**

ବାହୁଡା ଯାତ୍ରାରେ ଜେଲ ଫେରନ୍ତା ବିବାଦୀୟ ବାବାଙ୍କୁ ଦେଖିବାକୁ ମିଳିଥିଲା। ସେ ଡମ୍ବରୁ ଧରି ନାଚିବା ସହ ଲିଙ୍ଗରାଜଙ୍କ ନାରା ଦେଉଥିଲେ। ତାଙ୍କ ସହ କେତେଜଣ ବ୍ୟକ୍ତି ସେଲଫି ଉଠାଉଥିବା ଦେଖିବାକୁ ମିଳିଥିଲା।



**ଧନ୍ୟବାଦ ଦେଲେ ମନ୍ତ୍ରୀ**

ଗତବର୍ଷ ରୁକୁଣା ରଥ ଯାତ୍ରା ବନ୍ଦ ଥିଲା। ଏଥର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବାହୁଡା ଯାତ୍ରାକୁ ଗୋଟିଏ ଦିନରେ ସାରିବାକୁ ସେବାୟତଙ୍କ ସହଯୋଗ ଲୋଡାଯାଇଥିଲା। ସମସ୍ତ ସେବାୟତ ସହଯୋଗ କରିଥିଲେ। ତେଣୁ ରୁକୁଣା ରଥଯାତ୍ରା ଓ ବାହୁଡା ଯାତ୍ରାକୁ ସୁରୁଖୁରୁରେ ସମାପନ କରିଥିବାରୁ ମନ୍ତ୍ରୀ ଅଶୋକ ପଣ୍ଡା ସେବାୟତ, ପୋଲିସ ଓ ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନମୁନା ସଂଗ୍ରହ ପରେ ଟାଙ୍କି ସିଲ୍

**ପେଟ୍ରୋଲ ଟାଙ୍କିରେ ଅପମିଶ୍ରିତ ତେଲ ପ୍ରସଙ୍ଗ**

ମାହାଙ୍ଗା,୨୪।୪(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତ ଅଳିଯୋଡ଼ାସ୍ଥିତ ମା' ତ୍ରିପୁରା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରେ ଅପମିଶ୍ରିତ ତେଲ ବିକ୍ରିକୁ କେନ୍ଦ୍ର କରି ଗତ ଗୁରୁବାର ଗ୍ରାହକମାନେ ଅଭିଯୋଗ କରିବା ସହ ଟାଙ୍କିରେ ହୋହଲ୍ଲା କରିଥିଲେ । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହାପରେ ଜିଲା ଯୋଗାଣ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆଇଓସିଏଲ କମ୍ପାନୀର ଅଧିକାରୀମାନେ ଶନିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ତେଲର ନମୁନା ସଂଗ୍ରହ କରିଛନ୍ତି । ପରୀକ୍ଷା ନିମନ୍ତେ ଏହି ନମୁନାକୁ କୋଲିକାତାସ୍ଥିତ ତୈଳ ଗବେଷଣା କେନ୍ଦ୍ରକୁ ପଠାଯାଇଛି । ଏଥିସହ ଉକ୍ତ ଟାଙ୍କିକୁ ସିଲ୍ କରିଦିଆଯାଇଛି ବୋଲି ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

## ସାହିଲ୍ ଏଣ୍ଟରପ୍ରାଇଜର୍ସ ମାଲିକ ଗିରଫ

**୩ କୋଟି ଠକେଇ ମାମଲା**

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ଆଳୁ, ଚିଙ୍ଗୁଡି ବ୍ୟବସାୟରେ ଟଙ୍କା ନିବେଶ କଲେ ଅଳ୍ପଦିନରେ ବହୁଗୁଣା ଲୋଭ ଦେଖାଇ ୨୨ଜଣଙ୍କଠାରୁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ସାହିଲ୍ ଏଣ୍ଟରପ୍ରାଇଜର୍ସର ମାଲିକ ବିଷ୍ଣୁପ୍ରସାଦ ସାହୁ। ଏନେଇ ଇଓଡବ୍ଲ୍ୟୁ ମାମଲା (ନଂ.୪/୨୧) ରୁଜୁ କରି ଅଭିଯୁକ୍ତ ବିଷ୍ଣୁଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ଥିବାବେଳେ ଆହୁରି ଅଧିକ ଲୋକଙ୍କୁ ଠକେଇ କରିଥିବା ନେଇ ଜଣାପଡିବା ପରେ ଇଓଡବ୍ଲ୍ୟୁ ଖୋଳତାଡ଼ ଆରମ୍ଭ କରିଛି।।

ବିଷ୍ଣୁଙ୍କ ଘର କେନ୍ଦୁଝର ଜିଲାରେ ହୋଇଥିବାବେଳେ ତାଙ୍କର ଭୁବନେଶ୍ୱର ପଟିଆ ଅଞ୍ଚଳରେ ସାହିଲ୍ ଏଣ୍ଟରପ୍ରାଇଜର୍ସ ନାମକ ଏକ ସଂସ୍ଥା ରହିଛି। ଏହି ସଂସ୍ଥା ଆଳୁ ଓ ସାମୁଦ୍ରିକ ଖାଦ୍ୟଦ୍ରବ୍ୟ ବ୍ୟବସାୟ କରୁଛି। ୨୦୧୭ରେ ଶୁଭ୍ରାଂଶୁ ଶେଖର ରାଉତ ନାମକ ଜଣେ ବ୍ୟକ୍ତିଙ୍କୁ ବିଷ୍ଣୁ ନିଜ ବ୍ୟବସାୟ ବାବଦରେ କହି ଟଙ୍କା ନିବେଶ ପାଇଁ ପ୍ରଲୋଭନ ଦେଖାଇଥିଲେ। ଶୁଭ୍ରାଂଶୁ ତାଙ୍କ କଥାକୁ ବିଶ୍ୱାସ କରି ଉକ୍ତ ସଂସ୍ଥାରେ ନିବେଶ ପାଇଁ ୬୬ଲକ୍ଷ ଟଙ୍କା ଦେଇଥିଲେ। ଜାଲ୍ କାଗଜପତ୍ରରେ ବିଷ୍ଣୁ ଚୁକ୍ତିପତ୍ର କରିଥିଲେ। ଶୁଭ୍ରାଂଶୁଙ୍କ ଭଳି ଅନେକ ଲୋକଙ୍କଠାରୁ ଏଭଳି ଟଙ୍କା ନେଇଥିଲେ ମଧ୍ୟ ପରବର୍ତ୍ତୀ ମୁହୂର୍ତ୍ତରେ ବ୍ୟବସାୟ ମାନ୍ଦା ଚାଲିଥିବା ଦର୍ଶାଇ ଫେରସ୍ତ କରି ନ ଥିଲେ। ଏମିତି ୪ବର୍ଷ ଗଡ଼ାଇବା ପରେ ବିଷ୍ଣୁ ରାଜ୍ୟ ବାହାରକୁ ଫେରାର ହୋଇଯାଇଥିଲେ। ଏନେଇ ଶୁଭ୍ରାଂଶୁ ଫେବୃୟାରୀ ୧୮ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ପକ୍ଷରୁ ବିଷ୍ଣୁଙ୍କ ପଟିଆସ୍ଥିତ ଅଫିସ୍‌ରେ ଚଢ଼ାଉ କରି ବ୍ୟବସାୟ ଓ ଠକେଇ ସଂକ୍ରାନ୍ତ ତଥ୍ୟ ପାଇଥିଲା। ଏହାପରେ ବିଷ୍ଣୁ ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଆସିଥିବା ସୂଚନା ପାଇ ଇଓଡବ୍ଲ୍ୟୁ ତାଙ୍କୁ କାବୁ କରିଥିଲା।

**କଣାସରେ ୪ ପଜିଟିଭ ଚିହ୍ନଟ**

କଣାସ, (ସ୍ୱ.ପ୍ର): କରୋନାର ଦ୍ୱିତୀୟ ଲହର ସାରାଦେଶ ଓ ରାଜ୍ୟରେ ବେକାବୁ ହେଉଥିବାରୁ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ପୁରୀ ଜିଲାରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଶନିବାର କଣାସ ବ୍ଲକରେ ୪ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ୧୫ଦିନ ମଧ୍ୟରେ ୩୬ଜଣ ଚିହ୍ନଟ ହୋଇ ଚିକିତ୍ସିତ ହେଉଛନ୍ତି। କରୋନା ପ୍ରଥମ ଲହରରେ କଣାସ ବ୍ଲକରୁ ୬୪୨ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ୭ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୪.୦୪.୨୦୨୧

| ୨୦,୪୩୮ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଲଜ୍, ହୋଟେଲ, ଧର୍ମଶାଳାରେ ଯାଞ୍ଚ

## ପଶ୍ଚିମବଙ୍ଗ ପର୍ଯ୍ୟଟକଙ୍କ ଉପରେ କଡ଼ା ନଜର

ପୁରୀ ଅଫିସ, ୨୪।୪

ପୁରୀ ଜିଲାରେ ମହାମାରୀ କରୋନା କାୟା ବିସ୍ତାର କରିଚାଲିଛି। ପୁରୀ ସହରରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଉପରେ ରହୁଥିବାବେଳେ ଜିଲାରେ ଶନିବାର ପଜିଟିଭ ସଂଖ୍ୟା ୩୯୫ ଛୁଇଁଛି। ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ମଧ୍ୟ ପ୍ରଶାସନର ଚିନ୍ତା ବଢ଼ିଛି। ମୁଖ୍ୟତଃ ପଶ୍ଚିମବଙ୍ଗରୁ ଆସୁଥିବା ପର୍ଯ୍ୟଟକଙ୍କ ଉପରେ କଡ଼ା ନଜର ରଖାଯାଉଛି। ଏଥିଲାଗି ପୁରୀ ଜିଲା ପ୍ରଶାସନ ପକ୍ଷରୁ ୩ ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍ ପୁରୀ ବେଳାଭୂମିର ଦିଗ୍‌ବାରେଣୀ ଛକଠାରୁ ଷ୍ଟଲିନ ପର୍ଯ୍ୟନ୍ତ, ଅନ୍ୟ ଏକ ଟିମ୍ ସୁଭାଷ ବୋଷ ଛକ, ଚକ୍ରତୀର୍ଥ ରୋଡ ଏବଂ ପେଣ୍ଟକଟା ଛକ ପର୍ଯ୍ୟନ୍ତ ଏବଂ ତୃତୀୟ ଟିମ୍ ବଡଦାଣ୍ଡରେ ଯାଞ୍ଚ କରୁଛନ୍ତି। ଏଥିସହ ଧର୍ମଶାଳା, ଲଜ ଓ ହୋଟେଲଗୁଡ଼ିକୁ ଯାଞ୍ଚ କରାଯାଉଛି। ବଙ୍ଗୀୟ ପର୍ଯ୍ୟଟକ ଥିବା ଜଣାପଡ଼ିଲେ ସେମାନଙ୍କୁ ସଙ୍ଗରୋଧରେ ରଖାଯିବ। ଶୁକ୍ରବାର ୧୪ଟି ହୋଟେଲରେ ଚଢ଼ାଉ ହୋଇଥିବାବେଳେ ଶନିବାର ବଡଦାଣ୍ଡରେ ଥିବା ଧର୍ମଶାଳା, ଲଜ୍ ଓ ହୋଟେଲଗୁଡିକରେ ଯାଞ୍ଚ କରାଯାଇଛି। ସପ୍ତାହକ ତଳୁ ଯେଉଁ ଯାତ୍ରୀମାନେ ପୁରୀ ଆସିଛନ୍ତି ସେମାନଙ୍କୁ ତୁରନ୍ତ ଫେରିଯିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଗୁରୁବାରଠାରୁ ଯେଉଁମାନେ ପଶ୍ଚିମବଙ୍ଗରୁ ପୁରୀ ଆସିଛନ୍ତି ସେମାନଙ୍କୁ ବାଧ୍ୟତାମୂଳକ ଭାବେ ସଙ୍ଗରୋଧରେ ରହିବା ପାଇଁ ପ୍ରଶାସନ କହିଛି। ତେବେ ଶନିବାର ଯାଞ୍ଚ ସମୟରେ ପଶ୍ଚିମବଙ୍ଗ ଫେରନ୍ତା କୌଣସି ଯାତ୍ରୀ କିମ୍ବା ପର୍ଯ୍ୟଟକ ପୁରୀରେ ନ ଥିବା ଏନଫୋର୍ସମେଣ୍ଟ ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସୂଚନା ଦେଇଛନ୍ତି।



ଶନିବାର ଶଟ୍‌ଡାଉନ ସମୟରେ ପୁରୀ ମାର୍କେଟ ଛକରେ ଯାଉଥିବା ଲୋକଙ୍କୁ ଅଟକାଇ ପୋଲିସ ପଚରାଉଚୁରା କରୁଛି।

## ଶଟ୍‌ଡାଉନ ପ୍ରଭାବରେ ସବୁଠି ଖାଁ ଖାଁ

ପୁରୀ ଅଫିସ/ପିପିଲି/କୋଣାର୍କ/କଣାସ, ୨୩।୪ (ଡି.ଏନ୍.ଏ./ସ୍ୱ.ପ୍ର)

କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ଶନିବାର ଓ ରବିବାରକୁ ସରକାର ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶଟ୍‌ଡାଉନର ଶନିବାର ପ୍ରଥମ ଦିବସରେ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ଏହାର ପ୍ରଭାବ ପଡ଼ିଛି। ପୁରୀ ସହରର ସମସ୍ତ ଦୋକାନବଜାର, ବ୍ୟବସାୟ ପ୍ରତିଷ୍ଠାନ ସମେତ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଶ୍ରୀମନ୍ଦିର ଅଞ୍ଚଳ ଓ ସମୁଦ୍ର ବେଳାଭୂମି ଜନଶୂନ୍ୟ ହୋଇପଡ଼ିଥିଲା। ପିପିଲି ଅଞ୍ଚଳରେ ପୋଲିସ ପକ୍ଷରୁ କଡ଼ା ଚେକିଂ କରାଯାଇଥିଲା। ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସେହିଭଳି କୋଣାର୍କ ପର୍ଯ୍ୟଟନସ୍ଥଳୀ ଖାଁ ଖାଁ ରହିଥିଲା। ଶନିବାର ସକାଳୁ ଏସ୍‌ପି କେ. ବିଶାଳ ସିଂ କୋଣାର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ । ଗାଡ଼ି ଚଳାଚଳ, ଦୋକାନ ବଜାର ସବୁକିଛି ବନ୍ଦ ରହିଥିଲା। ଫଳରେ ସୂର୍ଯ୍ୟମନ୍ଦିର ସମ୍ମୁଖ, କୋଣାର୍କ ବସଷ୍ଟାଣ୍ଡ, ମେଡିକାଲ ଛକ, ରିଂରୋଡ, ଥାନାଛକ, ମାଧିପୁର ଛକ, ଜୁଣେଇ ବଜାର, ଚନ୍ଦ୍ରଭାଗା ବଜାର, ରାମଚଣ୍ଡୀ ପୀଠ ଜନଶୂନ୍ୟ ହୋଇପଡିଛି। ଅନ୍ୟପକ୍ଷରେ କଣାସ ବ୍ଲକ ଶଟ୍‌ଡାଉନ୍ ଘୋଷଣା କରାଯାଇ ନ ଥିଲେ ମଧ୍ୟ ବିଭିନ୍ନ ବଜାରରେ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। କଣାସ, ଜଙ୍କିଆ, ବିଜିପୁର, ମନ୍ଦାରବସ୍ତ, ଜଙ୍ଘାର, ଗଡିଶାଗୋଦା, ବାଲିପାଡା ବଜାରରେ ଅନେକ ଦୋକାନ ବନ୍ଦ ରହିଥିଲା।

## ସଂକ୍ଷେପରେ

### ଜମିଜମା ବିବାଦରୁ ଉତ୍ତେଜନା: ୩ ଗିରଫ

ସାକ୍ଷୀଗୋପାଳ,୨୪।୪(ଡି.ଏନ୍.ଏ.)- ସତ୍ୟବାଦୀ ଥାନା ଅନ୍ତର୍ଗତ ବାଁବରଡ଼ା ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ସନ୍ତୋଷ ପରିଡାଙ୍କ ସହ ଗ୍ରାମର ଟୁକୁନା ପରିଡା, ଶିବ ନାରାୟଣ ପରିଡା ବିବାଦ ସୃଷ୍ଟି ହୋଇଥିଲା। ପରସ୍ପର ମଧ୍ୟରେ ଗଣ୍ଡଗୋଳ ହୋଇ ଉଭୟ ପକ୍ଷରୁ ସତ୍ୟବାଦୀ ଥାନାରେ ୨ଟି ପୃଥକ ମାମଲା ରୁଜୁ କରାଯାଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି ପୁରୀ କୋର୍ଟକୁ ଚାଲାଣ କରିଥିଲେ। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି।

### ମାସ୍କ ଚେକିଂ, ୧୯ଜଣ ଗଣିଲେ ଡଣ୍ଡ

କାକଟପୁର, ୨୪।୪(ଡି.ଏନ୍.ଏ.)- କରୋନାକୁ ପ୍ରତିହତ କରିବା ସହ ସଚେତନତା ପାଇଁ କାକଟପୁର ପୋଲିସ ମାସ୍କ ଚେକିଂକୁ ଜୋରଦାର କରିଛି। ଫଳରେ ମାତାଧିକ ଜନସାଧାରଣ ମାସ୍କ ପିନ୍ଧିବା ଅଭ୍ୟସ୍ତ ହୋଇଥିବା ବେଳେ କେତେଜଣ ଅମାନିଆ ଏବେ ବି ନିୟମ ମାନୁ ନାହାନ୍ତି। ଶନିବାର କାକଟପୁର ପୋଲିସ କାକଟପୁର ବଜାରର ବିଭିନ୍ନ ଛକ ଜାଗାରେ ମାସ୍କ ଚେକିଂ କରି ୧୯ଜଣଙ୍କ ଠାରୁ ୧୯୦୦ ଟଙ୍କା ଜରିମାନା ଆଦାୟ କରିଥିଲା। ନିୟମିତ ଚେକିଂ ହେବା ଫଳରେ କାକଟପୁର ମୁଖ୍ୟ ବଜାରରେ ଗହଳି କମିବା ସହ ସାଧାରଣ ଲୋକେ ସଚେତନ ହେଉଥିବା ଦେଖିବାକୁ ମିଳୁଛି।



ପୁରୀ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଶନିବାର ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ସାହିଯାତର ବନବାସ ନୀତି ସମ୍ପନ୍ନ ଅବସରରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ, ମା' ସୀତାଙ୍କ ସହିତ ମହର୍ଷି ବଶିଷ୍ଠ ଏବଂ ଡଗର।

## ସାକ୍ଷୀଗୋପାଳ ମନ୍ଦିର ସେବାୟତଙ୍କ ପରଲୋକ

ସାକ୍ଷୀଗୋପାଳ,୨୪।୪(ଡି.ଏନ.ଏ)

ସାକ୍ଷୀଗୋପାଳ ମନ୍ଦିରର ଭଣ୍ଡାର ମେକାପ ସେବାୟତ ଗୌରହରି ମେକାପଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ଗତଦୁଇ ଦିନ ତଳେ ସେ ଜ୍ୱରରେ ପୀଡ଼ିତ ହୋଇ ସାକ୍ଷୀଗୋପାଳ ମନ୍ଦିର ନିକଟସ୍ଥ ନିଜ ଘରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ପୂର୍ବାହ୍ନରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପୁରୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା। ବିଳମ୍ବିତ ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନିଆଁ ଲାଗି ୨ ଗାଈ ମୃତ

ନିମାପଡ଼ା,୨୪।୪(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଧୀନ ସଲଙ୍ଗ ପଞ୍ଚାୟତର ଜଅଁରା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ରଙ୍ଗଲତା ପରିଡ଼ାଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ତାଙ୍କର ଗୁହାଳ ଘର ଧାନ ଓ ନଡ଼ା ଆଦି ପୋଡ଼ି ଯାଇଛି। ଏହାସହ ସେଠାରେ ଥିବା ୨ ଗାଈର ମୃତ୍ୟୁ ଘଟିଥିବାବେଳେ ଆଉ ଗୋଟିଏ ଗାଈ ଗୁରୁତର ହୋଇଛି। ଗୁହାଳ ଘରେ ଥିବା ପ୍ରାୟ ୫୦ହଜାର ଟଙ୍କା ମୂଲ୍ୟର କାଠ ସାମଗ୍ରୀ, ବିଭିନ୍ନ ଆସବାବପତ୍ର ଜଳି ନଷ୍ଟ ହୋଇଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ସେବା ବାହିନୀର କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ଗୁହାଳ ଘରେ ଲାଗିଥିବା ମଶା ଧୂଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଓ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ତଦନ୍ତ ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ବ୍ରହ୍ମଗିରି,୨୪।୪ (ଡି.ଏନ୍.ଏ.)

ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ସୁରକ୍ଷିତ ବାସଗୃହ ନିର୍ମାଣ ସହାୟତା ହିତାଧିକାରୀଙ୍କୁ ନ ମିଳିବା ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ ନିମନ୍ତେ କୋର୍ଟ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉ କି, ଫାଇଲିନରେ ପୁରୀ ଜିଲାର ଏହି ୨ ବ୍ଲକ କ୍ଷତିଗ୍ରସ୍ତ ହୋଇଥିଲା। ଏମାନଙ୍କୁ ସୁରକ୍ଷିତ ବାସଗୃହ ଯୋଗାଇ ଦେବାକୁ ସରକାର ଘୋଷଣା କରିଥିଲେ। କିନ୍ତୁ ସରକାରୀ କର୍ମଚାରୀଙ୍କ ଉଦାସୀନତା ଯୋଗଁ ୩୦୩୬ କ୍ଷତିଗ୍ରସ୍ତ ଏଯାବତ ଏହି ସହାୟତାରୁ ବଞ୍ଚିତ ଅଛନ୍ତି । ଏ ନେଇ ଏକ ଜନସ୍ୱାର୍ଥ ମାମଲା ହୋଇଥିଲା। ଏହି ମାମଲାକୁ ବିଚାରକୁ ନେଇ ଉପଯୁକ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି ।

## ମାତାମଠ ପାଖରୁ ମିଳିଲା ଯୁବକଙ୍କ ମୃତଦେହ

- ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ
- ସନ୍ଦେହରେ ସାଥୀ ଅଟକ, ପୋଲିସର ପଚରାଉଚରା

ପୁରୀ ଅଫିସ, ୨୪।୪

ପୁରୀ ସହରର ମାତାମଠ ପାଖରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତ ଯୁବକ ହେଲେ ବଳିଆପଣ୍ଡା ଥାନା ଅଧୀନ ହାତୀଶାଳ ତୁଳସୀ ନଗରର ସୋମନାଥ ମହାପାତ୍ର (୧୮)। ସୋମନାଥଙ୍କୁ ଘରୁ ଡାକିନେଇ ହତ୍ୟା କରାଯାଇଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହ ତାଙ୍କର ଜଣେ ସାଥୀଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ମାତାମଠ ନିକଟରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଥିବାବେଳେ ମୃତକଙ୍କ ପରିଚୟ ମିଳିଛି। ମୃତ ଯୁବକ ପୁରୀ ବଳିଆପଣ୍ଡା ଥାନା ଅଧୀନ ଲୋକନାଥ ରୋଡସ୍ଥିତ ହାତୀଶାଳ ତୁଳସୀ ନଗରର ପ୍ରଭାସ ମହାପାତ୍ରଙ୍କ ପୁତ୍ର ସୋମନାଥ ବୋଲି ପୋଲିସ କହିଛି। ଏହା ଜଣାପଡ଼ିବା ପରେ ସୋମନାଥଙ୍କ ପରିବାର ପକ୍ଷରୁ ବଳିଆପଣ୍ଡା ଥାନାରେ ଏକ ଏତଲା ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ବାବୁନି ନାମକ ଯୁବକ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ସୋମନାଥଙ୍କୁ ଘରୁ ଡାକି ନେଇଥିଲେ। ଏହାପରଠୁ ସୋମନାଥ ଆଉ ଘରକୁ ଫେରି ନ ଥିଲେ। ରାତି ପ୍ରାୟ ୧୨ଟାରେ ବଳିଆପଣ୍ଡା ପୋଲିସଠାରୁ ଖବର ପାଇ ପରିବାରବର୍ଗ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ସୋମନାଥଙ୍କୁ ମୃତାବସ୍ଥାରେ ଦେଖିବାକୁ ପାଇଥିଲେ। ପୁଅକୁ ଘରୁ ଡାକିନେଇ ହତ୍ୟା କରାଯାଇଥିବା ପରିବାରବର୍ଗ ଅଭିଯୋଗ ଆଣି ନ୍ୟାୟ ଦାବି କରିଛନ୍ତି। ଅନ୍ୟପକ୍ଷେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ପୋଲିସ କହିଛି।

## 'ବାହାର ରାଜ୍ୟ ଫେରନ୍ତାଙ୍କ ତଥ୍ୟ ଜଣାଅ'

ଡେଲାଙ୍ଗ,୨୪।୪(ଡି.ଏନ୍.ଏ.)

ଡେଲାଙ୍ଗ ଚାଇଁପୁର ପଞ୍ଚାୟତରେ ଶନିବାର କୋଭିଡ ସଂକ୍ରାନ୍ତ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତର ପଥରଡିହ ଗ୍ରାମରେ ଶୁକ୍ରବାର ଜଣେ ପ୍ରବାସୀଙ୍କର ପଜିଟିଭି ଚିହ୍ନଟ ହୋଇଥିଲା। ଏ ନେଇ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବାହାର ରାଜ୍ୟରୁ ଫେରୁଥିବା ପ୍ରବାସୀଙ୍କ ପ୍ରତି ଗ୍ରାମବାସୀ ସଚେତନ ରହିବା ସହ ସେମାନଙ୍କ ସମ୍ପର୍କରେ ବ୍ଲକ, ଥାନା ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ତୁରନ୍ତ ତଥ୍ୟ ଜଣାଇବାକୁ କହିଥିଲେ। ଏଥିସହ ପଞ୍ଚାୟତର ବ୍ୟବସାୟୀମାନେ କୋଭିଡ୍ ଗାଇଡ୍‌ଲାଇନ ମାନିବା, ଗ୍ରାହକମାନେ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧି ନ ଥିବା ଗ୍ରାହକଙ୍କୁ ସାମଗ୍ରୀ ନ ଦେବା ପାଇଁ ସରପଞ୍ଚ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନତା କରାଇଥିଲେ। ଯିଏ ଏହି ନିୟମ ନ ମାନିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରପଞ୍ଚ ପରିଡ଼ା କହିଛନ୍ତି।

NATIONAL HEALTH MISSION
NVBDCP
DSPL-24

# ବିଶ୍ୱ ମ୍ୟାଲେରିଆ ଦିବସ-୨୦୨୧

**ଆମର ଲକ୍ଷ୍ୟ - ମ୍ୟାଲେରିଆ ମୁକ୍ତ ବିଶ୍ୱ**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ଏପ୍ରିଲ୍ ୨୫ ତାରିଖ ରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ମ୍ୟାଲେରିଆର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ । ସଂପ୍ରତି କରୋନା ମହାମାରୀ ସ୍ଥିତିରେ ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଅଛି । ତେଣୁ ଆମ୍ଭମାନଙ୍କୁ ଏଥିପ୍ରତି ଅଧିକ ସତର୍କ ଓ ଯତ୍ନବାନ ହେବାକୁ ପଡିବ ।

**ସଚେତନ ହୁଅନ୍ତୁ, ମ୍ୟାଲେରିଆରୁ ନିଜକୁ ସୁରକ୍ଷିତ ରଖନ୍ତୁ ।**

- ପ୍ରତିଦିନ ମଶାରୀ କିମ୍ବା କୀଟନାଶକ ଔଷଧ ଉପଚାରିତ ମଶାରୀ ଟାଣି ଶୁଅନ୍ତୁ । ଗର୍ଭବତୀ ଓ ଶିଶୁମାନେ ମଶାରୀ ଭିତରେ ଯେପରି ନିଶ୍ଚିତ ଶୋଇବେ, ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ ।
- ଘର ଭିତରେ କୀଟନାଶକ ସିଞ୍ଚନ ପାଇଁ ସିଞ୍ଚନ କର୍ମୀଙ୍କୁ ସହଯୋଗ କରନ୍ତୁ । ସିଞ୍ଚନସ୍ଥାନକୁ ୩ମାସ ପର୍ଯ୍ୟନ୍ତ ଲିପାପୋଛା କରନ୍ତୁ ନାହିଁ ।
- ଜ୍ୱର ହେଲେ ଅତିଶୀଘ୍ର "ଆଶା" କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ମ୍ୟାଲେରିଆ ପାଇଁ ରକ୍ତ ପରୀକ୍ଷା କରାନ୍ତୁ । ମ୍ୟାଲେରିଆ ଜଣାପଡିଲେ ଔଷଧ ପୂରାମାତ୍ରାରେ ସେବନ କରନ୍ତୁ ।
- ମଶା ବଂଶବୃଦ୍ଧିକୁ ରୋକିବା ପାଇଁ ଘର ଓ ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ପରିବେଶ ପରିଷ୍କାର ରଖନ୍ତୁ ।

OIPR-10003/13/0018/2122

**ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା ଆଶା ଓ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।**

ଆସନ୍ତୁ, ଏ ସମ୍ପର୍କରେ ସଚେତନ ହେବା ସହିତ କରୋନା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା
- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ମାସ୍କ ସଠିକ୍ ଭାବରେ ବ୍ୟବହାର କରନ୍ତୁ
- ଶାରିରୀକ ଦୂରତା ବଜାୟ ରଖନ୍ତୁ
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ

ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

## କେଉଟକୁଦୀ ଜଙ୍ଗଲରେ ନିଆଁ

ବ୍ରହ୍ମଗିରି,୨୪।୪ (ଡି.ଏନ୍.ଏ.)

ବ୍ରହ୍ମଗିରି ରେଞ୍ଜ ଅଧୀନ କେଉଟକୁଦୀ କଣ୍ଟେଇକୁଦା ବଗିଚାରେ ଶନିବାର ଅପରାହ୍ନରେ କୌଣସି କାରଣରୁ ନିଆଁ ଲାଗି ଅନେକ କ୍ଷୟକ୍ଷତି ହୋଇଛି। ଖବରପାଇ ବ୍ରହ୍ମଗିରି ଅଗ୍ନିସେବା ସଂସ୍ଥା ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସୂଚନା ଅନୁଯାଇ ଏହି ଜଙ୍ଗଲରେ ଅନେକ କାଜୁ, ଝାଉଁ ଓ ଆକାଶୀ ରହିଛି । ତେବେ ଜଙ୍ଗଲରେ ଅପରାହ୍ନରେ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ଜଙ୍ଗଲକୁ ଆସିଥିବା ସ୍ଥାନୀୟ ଲୋକ ଏହା ଦେଖି ନିଆଁ ଲିଭାଇବା ସହ ଦମକଳକୁ ଜଣାଇଥିଲେ। ତେବେ ଏହି ଅଗ୍ନିକାଣ୍ଡ ମନୁଷ୍ୟକୃତ ବୋଲି ଅଗ୍ନିସେବା କର୍ମଚାରୀମାନେ ଅନୁମାନ କରୁଛନ୍ତି।

## ଦମ୍ପତିଙ୍କୁ ଭାଇ ଓ ପୁତୁରାଙ୍କ ଆକ୍ରମଣ

ପୁରୀ ଅଫିସ, ୨୪।୪

ବଡଭାଇ ଓ ପୁତୁରାଙ୍କ ଆକ୍ରମଣରେ ଏକ ଦମ୍ପତି ଗୁରୁତର ଆହତ ହୋଇ ଶନିବାର ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏହି ଦମ୍ପତି ହେଲେ ପୁରୀ ସଦର ଥାନା ଅନ୍ତର୍ଗତ କପିଳେଶ୍ୱରପୁରର ଫକିର ଭୋଇ ଏବଂ ରୁନି ଭୋଇ। ସୂଚନା ଅନୁଯାୟୀ, ଫକିର ଓ ତାଙ୍କ ପୁତୁରା ଗୌରା ଚନ୍ଦନପୁରସ୍ଥିତ ଏକ ଇଟାଭାଟିରେ କାମ କରନ୍ତି। ତେବେ କୌଣସି ଘଟଣାକୁ ନେଇ ଫକିର ଓ ଗୌରାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ଏ ସମ୍ପର୍କରେ ଗୌରା ତାଙ୍କ ବାପା କେଳା ଭୋଇଙ୍କୁ ଜଣାଇଥିଲେ। ଗୌରା ଓ କେଳା ମିଶି ଫକିରଙ୍କୁ ଆକ୍ରମଣ କରିଥିଲେ। ରୁନି ଅଟକାଇବାକୁ ଚେଷ୍ଟା କରିବାରୁ ବାପ, ପୁଅ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ।

ସାବଧାନ ! ସାବଧାନ !! ସାବଧାନ !!!

**ରେଳପଥ ନିଯୁକ୍ତି ଦଲାଲ / ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ**

**ସାର୍ବଜନିକ ବିଜ୍ଞପ୍ତି**

ସତର୍କ ରୁହନ୍ତୁ! ମନେରଖନ୍ତୁ!

ରେଳପଥରେ ନିଯୁକ୍ତି ପାଇଁ କୌଣସି ବେଆଇନ୍ ମାର୍ଗ ଆପଣାନ୍ତୁ ନାହିଁ

କେବଳ ଯୋଗ୍ୟତା (Merit) ହିଁ ଆପଣଙ୍କୁ ରେଳପଥରେ ଚାକିରି ଦେଇପାରିବ ।

- ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଠକ ମାନଙ୍କ ପ୍ରତି ସତର୍କ ରୁହନ୍ତୁ ।
- ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି ।
- ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ ।
- ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ ।

ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନବର୍ଣ୍ଣିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ :

www.rrbbs.gov.in | www.rrcbbs.org.in

ଯଦି କେହି ଲାଞ୍ଚ ନେଇ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି କିମ୍ବା କେତେକ ରେଳପଥ ପ୍ରାଧିକାରୀଙ୍କ ନାମରେ ଏକ କଲ୍ ଲେଟର ଜାରି କରୁଛନ୍ତି, ତେବେ ଦୟାକରି ଏହାର ସତ୍ୟତା ଯାଞ୍ଚ କରନ୍ତୁ ।

ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ
ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017.
ଇ-ମେଲ୍ : sdgm@ecor.railnet.gov.in

ମୁଖ୍ୟ ଜନ ସମ୍ପର୍କ ଅଧିକାରୀ
ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017.
ଇ-ମେଲ୍ : cpro@ecor.railnet.gov.in

ହେଲ୍ପଲାଇନ୍ ନଂ. 8455885031
ଟେଲିଫୋନ ନଂ. 0674-2300230
0674-2301475
ଫାକ୍ସ ନଂ. 0674-2301328

ପୂର୍ବ ତଟ ରେଳପଥ
ଆପଣଙ୍କ ପାଇଁ ଆମେ ଯତ୍ନବାନ
PR-47/M/21-22

ଆମ ସହିତ ଯୋଗାଯୋଗ କରିବା ପାଇଁ ଆପଣ ମଧ୍ୟ ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ : www.twitter/@EastCoastRail www.facebook/@EASTCOASTRailway1

**ବୋଲଗଡ଼ରେ ୮୩ ଜଣଙ୍କ କୋଭିଡ୍ ଟେଷ୍ଟ**

ବୋଲଗଡ଼,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ମାଣିବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟେଷ୍ଟ କରାଯାଉଛି। ଶନିବାର ସର୍ବାଧିକ ୮୩ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ଅନ୍ୟପଟେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ରାତି ୯ଟାରୁ ସପ୍ତାହକ ପାଇଁ ବୋଲଗଡ଼ ପଞ୍ଚାୟତର ତୃତୀୟାପଡା ଏବଂ ଖଙ୍ଗୁରିଆ ପଞ୍ଚାୟତର ଅରଖପଲ୍ଲୀ ଗ୍ରାମକୁ ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି।

# ଚାଇନାକୁ ଲମ୍ବିଛି ଭାଲୁ ର୍ୟାକେଟ୍

## ରାସ୍ତାରୁ ଭାଲୁ ଛୁଆ ଉଦ୍ଧାର ଘଟଣା

- ପିସିସିଏଫ୍‌ଙ୍କ ତଦନ୍ତ ନିର୍ଦ୍ଦେଶ
- ଅନ୍ତର୍ଜାତୀୟ ବଜାରରେ ରହିଛି ଭାଲୁ ପିତ୍ତ ଚାହିଦା
- କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌କୁ ତଦନ୍ତ ଭାର ଦିଆଯାଉ



ଖୋର୍ଦ୍ଧା ଅଫିସ,୨୪।୪

ଖୋର୍ଦ୍ଧାର ପିତାପଲ୍ଲୀ-ଗଙ୍ଗପଡ଼ା ରାସ୍ତା ପାର୍ଶ୍ୱସ୍ଥ ଭୁଆସୁଣୀ ମନ୍ଦିର ନିକଟରୁ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଗତ ଗୁରୁବାର ୫ଟି ଭାଲୁଛୁଆକୁ ଉଦ୍ଧାର କରିଥିଲେ। ସେହିପରି ଉକ୍ତ ଦିନ ସନ୍ଧ୍ୟାରେ ଗଡ଼ଖୋର୍ଦ୍ଧାରୁ ୨ଟି ଭାଲୁଛୁଆକୁ ଉଦ୍ଧାର କରାଯାଇଥିଲା। ସମସ୍ତ ଭାଲୁଛୁଆକୁ ନନ୍ଦନକାନନକୁ ପଠାଇ ଦିଆଯାଇଥିଲା। ତେବେ ଗୋଟିଏ ଦିନରେ ଚନ୍ଦକା ଜଙ୍ଗଲରୁ ୭ଟି ଭାଲୁଛୁଆ ଖସି ଆସିବାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ଏଥିରେ ଏକ ର୍ୟାକେଟ ସମ୍ପୃକ୍ତ ରହିଥିବା ସନ୍ଦେହ କରାଯାଉଛି। ଏପରି କି ଏହି ର୍ୟାକେଟର ଚେର ଚାଇନାକୁ ଲମ୍ବିଥିବା କୁହାଯାଉଛି। ଅନ୍ୟପଟେ ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟର ଅଫ ଫରେଷ୍ଟ(ପିସିସିଏଫ) ଏହାର ତଦନ୍ତ ପାଇଁ ରିଜିଓନାଲ ଚିଫ୍ କଞ୍ଜରଭେଟର ଅଫ ଫରେଷ୍ଟ (ଆରସିସିଏଫ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୋଭିଡ୍ ସଂକ୍ରମଣ ଲାଗି ରାଜ୍ୟରେ ନାଇଟ କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏଥିସହ ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଚେକିଂ କଡ଼ାକଡ଼ି କରାଯାଇଛି। କୌଣସି ସ୍ଥାନରୁ ଭାଲୁ ଛୁଆକୁ ଧରି ଓଡ଼ିଶା ସୀମା ଦେଇ ବାହାର ରାଜ୍ୟକୁ ଚାଲାଣ ଲାଗି ଯୋଜନା କରିଥିବା ବେଳେ ଧରାପଡିଯିବା ଭୟରେ ଭାଲୁଛୁଆକୁ ପିତାପଲ୍ଲୀ ରାସ୍ତାକଡରେ ଛାଡି ଚାଲିଯାଇଥିବା ସନ୍ଦେହ ଉପୁଜୁଛି। ଉଦ୍ଧାର ଭାଲୁଛୁଆ ମଧ୍ୟରେ ୨ଟି ବଡ ଏବଂ ୩ଟି ଶିଶୁ ରହିଥିଲେ। ସେମାନଙ୍କ ପାଖରେ ମା' ଭାଲୁ ନ ଥିବା ଏବଂ ସମସ୍ତ ଭାଲୁଛୁଆ ରାସ୍ତା ଉପରେ ଖେଳୁଥିବା ଦେଖିବାକୁ ମିଳିଥିଲା। କେତେଜଣ ପରିବେଶବିତ୍‌ଙ୍କ କହିବାନୁଯାୟୀ, ଅନ୍ତର୍ଜାତୀୟ ବଜାରରେ ଭାଲୁର ପିତ୍ତ ଚାହିଦା ରହିଛି। ଚାଇନାରେ ଏହାର ବହୁଳ ବ୍ୟବହାର କରାଯାଉଛି। ଅନ୍ତର୍ଜାତୀୟ ବଜାରରେ ଭାଲୁଛୁଆର ପିତ୍ତକୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରାଯାଉଛି। ତେବେ ଭାଲୁଛୁଆକୁ ରାଜ୍ୟର ବିଭିନ୍ନ ଅଞ୍ଚଳର ଜଙ୍ଗଲରୁ ସଂଗ୍ରହ କରାଯାଇ ଓଡ଼ିଶା ସୀମାନ୍ତ ଝାଡଖଣ୍ଡ, ପଶ୍ଚିମବଙ୍ଗ ତଥା ଚାଇନା ସୀମାନ୍ତବର୍ତ୍ତୀ ଅଞ୍ଚଳ ଅରୁଣାଚଳ ପ୍ରଦେଶ ଦେଇ ଚାଲାଣ କରାଯାଉଥିବା ସନ୍ଦେହ କରାଯାଉଛି। ଖୋର୍ଦ୍ଧା ପିତାପଲୀ ରାସ୍ତାକୁ ଭାଲଛୁଆ ଚୋରାଚାଲାଣର ଗଳା ବାଟ ଭାବେ ବ୍ୟବହାର କରାଯାଉଛି। ପୂର୍ବରୁ ବାଘଛାଲ, ବଜ୍ରକାପ୍ତା ଏବଂ ସାପ ବିଷକୁ ଅନ୍ତର୍ଜାତୀୟ ବଜାରରେ ବିକ୍ରି ଲାଗି ଚୋରାଚାଲାଣ ବେଳେ ଧରାପଡିଛି। ବାଘଛାଲ ର୍ୟାକେଟକୁ ବନ ବିଭାଗ ଧରିବାରେ ସଫଳ ହୋଇପାରିନାହିଁ। ବନ ବିଭାଗ ଅବହେଳାରୁ ଜଙ୍ଗଲରେ ବନ୍ୟଜନ୍ତୁ ସୁରକ୍ଷିତ ନୁହନ୍ତି। ଏହି ଘଟଣାର ଯାଞ୍ଚ ଲାଗି କ୍ରାଇମବାଞ୍ଚ ଏସ୍‌ଟିଏଫ୍‌କୁ ଦିଆଯାଉ ବୋଲି ପରିବେଶପ୍ରେମୀମାନେ ଦାବି କରିଛନ୍ତି।

### ଏମାନେ କ'ଣ କୁହନ୍ତି

"ଏଭଳି ଭାଲୁଛୁଆ ବିରଳ। ସମସ୍ତଙ୍କ ମା' ଅଲଗା ହୋଇଥିବା ଅନୁମାନ କରାଯାଉଛି। ଭାଲୁଛୁଆକୁ ଦେଖିଲେ ଜଣାପଡୁଛି, ଏହା କୌଣସି ଲୋକଙ୍କ ନିକଟରେ ପୋଷା ଭାବେ ରହିଥିଲେ। ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ବେଳେ ଭୟରେ ଏଠାରେ ଛାଡି ଚାଲିଯାଇଥିବା ସନ୍ଦେହ ଉପୁଜୁଛି।

**- କେଦାର ନାଥ ସ୍ୱାଇଁ, ଡିଏଫଓ, ଚନ୍ଦକା ବନଖଣ୍ଡ**

"ଯେଉଁଠି ହାତୀ ରହିବେ, ସେଠାରେ ଭାଲୁ ରୁହନ୍ତି ନାହିଁ। ଏପରି ପ୍ରଜାତିର ଭାଲୁ ଏହି ଅଞ୍ଚଳରେ ନାହାନ୍ତି। ଅନ୍ୟପଟେ ରାସ୍ତାକଡ଼ରୁ ଭାଲୁଛୁଆ ଉଦ୍ଧାରକୁ ନେଇ ପିସିସିଏଫ ଗୁରୁତର ଭାବେ ନେଇଛନ୍ତି। ଏଥରେ କୌଣସି ର୍ୟାକେଟର ସମ୍ପୃକ୍ତି ରହିଛି, ତାହାର ଯାଞ୍ଚ ଲାଗି ଆରସିସିଏଫଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଆରସିସିଏଫ ଏହି ଘଟଣାର ଛାନଭିନ ଆରମ୍ଭ କରିଥିବା ଜଣାପଡିଛି।

**- ଅସିତ ମିଶ୍ର, ଖୋର୍ଦ୍ଧା ବନ ଅଧିକାରୀ**

## ସଂକ୍ଷେପରେ

### ମାଛ ଗାଡ଼ି ଜବତ, ୩ ଗିରଫ

**ଖୋର୍ଦ୍ଧା ଅଫିସ,୨୪।୪:** ଖୋର୍ଦ୍ଧା-ନୟାଗଡ଼ ୫୭ନମ୍ବର ଜାତୀୟ ରାଜପଥରେ ଲୁଟେରାଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଏକ ମାଛଗାଡି ଲୁଟ୍ ଅଭିଯୋଗରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଶନିବାର ୩ଜଣଙ୍କୁ ଗିରଫ କରିବା ସହ ମାଛ ଗାଡ଼ିକୁ ଜବତ କରିଛି। ଅଭିଯୁକ୍ତମାନେ ହେଲେ ନାଲିପଡ଼ା ଅର୍ଜୁନପୁର ଗ୍ରାମର ପ୍ରଶାନ୍ତ ପାଣ୍ଡିଆ, ତପନ ସ୍ୱାଇଁ ଏବଂ ତୋଟାପଡ଼ାର ଲିଙ୍ଗରାଜ ବେହେରା। ସୂଚନା ମୁତାବକ, ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ଜିତୁ ବାରିକ ଏକ ୪୦୭ ଗାଡ଼ିରେ ୧ କୁଇଣ୍ଟାଲ ମାଛ ଧରି ବାଙ୍କୀ ଯାଉଥିଲେ। ଭୋର ୪ଟାରେ ଅଭିଯୁକ୍ତମାନେ ତାଙ୍କୁ ତରତୁଆ ଛକରେ ଅଟକାଇଥିଲେ। ଜିତୁଙ୍କୁ ମାଡ଼ ମାରି ମାଛ ଗାଡ଼ିକୁ ଧରି ନାଲିପଡ଼ା ଜଙ୍ଗଲକୁ ନେଇ ଯାଇଥିଲେ। ସେଠାରେ ତାଙ୍କୁ ଛାଡି ମାଛ ଗାଡିକୁ ନେଇ ଫେରାର ହୋଇଯାଇଥିଲେ। କୌଣସିମତେ ଜିତୁ ସେଠାରୁ ଆସି ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୬୫/୨୧)ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ବୃଦ୍ଧ ଗିରଫ

**ଖୋର୍ଦ୍ଧା ଅଫିସ,୨୪।୪:** ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସନାତନ ସୁନ୍ଦରାୟ(୬୨)। ସୂଚନା ମୁତାବକ, ସମ୍ପୃକ୍ତ ନାବାଳିକା ଜଣକ ବାହାରକୁ ଶୌଚ ହେବାକୁ ଯାଇ ଘରକୁ ଫେରୁଥିଲେ। ସନାତନ ତାଙ୍କୁ ଟେକି ନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ ସେଠାରୁ ଖସି ଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୬୪/୨୧)ରୁଜୁକରି ସନାତନଙ୍କୁ ଗିରଫ କରିଥିଲା।

### ପୁରୀ ସିଟି ଡିଏସ୍‌ପିଙ୍କ କାର୍ଯ୍ୟରେ ଯୋଗଦାନ

**ପୁରୀ ଅଫିସ, ୨୪।୪:** ପୁରୀର ନୂତନ ସିଟି ଡିଏସ୍‌ପି ଭାବେ ଜନାର୍ଦ୍ଦନ ପାଢୀ ଶନିବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୁରୀ ସହରରେ ଜନସାଧାରଣଙ୍କ ସୁରକ୍ଷା, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଅପରାଧ ଦମନ ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଥାନାଗୁଡ଼ିକ ଗସ୍ତକରି ସେ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିବେ। ଜନସାଧାଣଙ୍କ ସହ ପୋଲିସ ସିଧାସଳଖ ମିଶିଲେ ଅଧିକ ଆସ୍ଥାଭାଜନ ହୋଇପାରିବ ବୋଲି ପାଢୀ କହିଛନ୍ତି।

### ଶମ୍ଭୁନାଥଙ୍କୁ ବ୍ଲାକ୍ ବେଲ୍ଟ



**ପିପିଲି,୨୪।୪(ସ୍ୱ.ପ୍ର.):** ପିପିଲିସ୍ଥିତ ସେଣ୍ଟ ଜାଭିୟର ସ୍କୁଲଠାରେ ଅନୁଷ୍ଠିତ କଲର ବେଲ୍ଟ ପରୀକ୍ଷାରେ ପିପିଲି ଟାଏକୋଣ୍ଡୋ ଏକାଡେମୀର ଛାତ୍ର ଶମ୍ଭୁନାଥ ସାହୁ ବ୍ଲାକ ବେଲ୍ଟ ହାସଲ କରିଛନ୍ତି। ଏହି ପରୀକ୍ଷାରେ ଓଡ଼ିଶା ଟାଏକୋଣ୍ଡୋ ଏକାଡେମୀର ସମ୍ପାଦକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବେଲ୍ଟ ଟେଷ୍ଟ କରାଇଥିଲେ। ଶମ୍ଭୁନାଥଙ୍କୁ ପିପିଲି ଏକାଡେମୀର ପ୍ରଶିକ୍ଷକ ନୃସିଂହ ସିଂଙ୍କ ଉପସ୍ଥିତିରେ ଓଡ଼ିଶା ଟାଏକୋଣ୍ଡୋ ଏକାଡେମୀ ସମ୍ପାଦକ ବ୍ଲାକବେଲ୍ଟ ପ୍ରଦାନ କରିଥିଲେ।

# ଚିଲିକାରୁ ୪୦ଏକର ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ



ପ୍ରଶାସନ ପକ୍ଷରୁ ବେଆଇନ୍ ଚିଙ୍ଗୁଡିଘେରିକୁ ଉଚ୍ଛେଦ କରାଯାଉଛି।

ବାଲୁଗାଁ,୨୪।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଅଧୀନ ଚିଲିକାର ହାଟବରଡ଼ିଠାରୁ ବାଲିଆ ମଧ୍ୟରେ ବେଆଇନ୍ ଭାବେ ଗଢ଼ି ଉଠିଥିବା ୪୦ଏକର ପରିବ୍ୟାପ୍ତ ଚିଙ୍ଗୁଡ଼ିଘେରିକୁ ପ୍ରଶାସନ ପକ୍ଷରୁ ଶନିବାର ଉଚ୍ଛେଦ କରାଯାଇଛି। ଚିଲିକାରେ ବାରମ୍ବାର ଘେରି ଉଚ୍ଛେଦ କରିବା ସତ୍ତ୍ୱେ କେତେଜଣ ଦୁର୍ବୃତ୍ତଙ୍କ ଦ୍ୱାରା ଉକ୍ତ ସ୍ଥାନରେ ପୁନର୍ବାର ଘେରି ମୁଣ୍ଡ ଟେକୁଛି; ଯାହା କି ମତ୍ସ୍ୟଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଚିଲିକାକୁ ସମ୍ପୂର୍ଣ୍ଣ ଘେରିମୁକ୍ତ ନିମନ୍ତେ ପ୍ରଶାସନ ନିକଟରେ ଦାବି ହୋଇଆସୁଅଛି। କିଛିଦିନ ପୂର୍ବରୁ ସିଡିଏ ପକ୍ଷରୁ ଚିଲିକାର କେଉଁ କେଉଁ ଅଞ୍ଚଳରେ ଘେରି ରହିଛି ସେ ଦିଗରେ ସାଟେଲାଇଟ ଦ୍ୱାରା ସ୍ଥାନ ନିରୂପଣ କରାଯାଇଥିଲା। ଶନିବାର ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା ହାଟବରଡ଼ିଠାରୁ ବାଲିଆ ମଧ୍ୟରେ ଘେରିକୁ ଉଚ୍ଛେଦ କରାଯାଇଛି। ପାଣି ଭିତରେ ଜାଲ ଏବଂ ବାଉଁଶ ଲୁକାୟିତ ଭାବେ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ୩ଟି ଡଙ୍ଗା ମାଧ୍ୟମରେ ଉକ୍ତ ଘେରିରେ ବ୍ୟବହୃତ ଜାଲ ଏବଂ ବାଉଁଶ ଜବତ କରାଯାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ଅନୁଜ ଦାସ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଉପଜିଲାପାଳ ଅଶୋକ ବେହୁରିଆ, ତହସିଲଦାର ପୁନମ ମହାପାତ୍ର, ଟାଙ୍ଗୀ ଆଇଆଇସି ସରୋଜ କୁମାର ଉପାଧ୍ୟାୟଙ୍କ ଉପସ୍ଥିତିରେ ଏହି ଘେରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଉଚ୍ଛେଦ କାର୍ଯ୍ୟରେ ତହସିଲ, ମତ୍ସ୍ୟ ବିଭାଗ ଓ ସିଡିଏ କର୍ମଚାରୀଙ୍କ ସମେତ ୩୦ଜଣ ଶ୍ରମିକ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ୨ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ। ଚିଲିକାର ଅନ୍ୟାନ୍ୟ ସ୍ଥାନରେ ଗଢ଼ି ଉଠିଥିବା ବେଆଇନ ଘେରିକୁ ଚିହ୍ନଟ କରାଯାଇ ପର୍ଯ୍ୟାୟକ୍ରମେ ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## କଢ଼ାମଲ୍ଲରେ ଶ୍ରୀରାମ ନବମୀ ଉତ୍ସବ

ବେଗୁନିଆ,୨୪।୪(ଡି.ଏନ୍.ଏ.)

ବେଗୁନିଆ ସୀମାନ୍ତ ବୈଦେଶ୍ୱର ଥାନା କଢ଼ାମଲ୍ଲ ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ରାମନବମୀ ଉତ୍ସବ ପାଳିତ ହେଉଛି। କରୋନା ଯୋଗୁ ଚଳିତବର୍ଷ ଫିକା ପଡ଼ିଛି। କେବଳ ପରମ୍ପରା ପାଇଁ ଉତ୍ସବ ପାଳନ କରାଯାଉଛି। ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଛି। ସୂଚନାଥାଉ କି, ରାମନବମୀ ତିଥି ଆସିଲେ କଢ଼ାମଲ୍ଲ ଗ୍ରାମ ପାଟରାସାହି ଦାଣ୍ଡରେ ଆଲୋକମାଳା ସହ ତୋରଣ ୯ଦିନ ଧରି ଝଲସି ଉଠିଥାଏ। ଗ୍ରାମବାସୀଙ୍କ ସହଯୋଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ହନୁମାନଙ୍କ ଯୁଗଳ ମୂର୍ତ୍ତିକୁ ଦୋଳ ମଣ୍ଡପରେ ସ୍ଥାପନ କରି ଦିନରେ ହୋମ ଯଜ୍ଞ ଏବଂ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ରାମାୟଣ ପୁରାଣ ପଠନ କରାଯାଇଥାଏ। ପ୍ରଭୁ ରାମଚନ୍ଦ୍ରଙ୍କ ପୌରାଣିକ କଥା ବସ୍ତୁରୁ ଆଧାରିତ କିମ୍ବଦନ୍ତୀକୁ ନାଟକ ମାଧ୍ୟମରେ ପରିବେଷଣ କରାଯାଇଥାଏ। ରଘୁନାଥ ନାଟ୍ୟ ପରିଷଦର ୨୧ କଳାକାର ରାମ ଜନ୍ମଠାରୁ ରାବଣ ବଧ ପର୍ଯ୍ୟନ୍ତ ଅଭିନୟ କରିଥାନ୍ତି। ଚଳିତବର୍ଷ ପଖଜ ଓ ଗିନି ବାଦ୍ୟରେ ପୁରାଣ ବର୍ଣ୍ଣିତ କରାଯାଉଛି।

## ରଥ ପର୍ଯ୍ୟନ୍ତ ବିମାନରେ ଗଲେ ଶ୍ରୀଜୀଉ

### କପିଳେଶ୍ୱର ଦେବଙ୍କ ବାହୁଡ଼ା ଯାତ୍ରା

ନିରାକାରପୁର,୨୪।୪(ଡି.ଏନ୍.ଏ.)

ଶନିବାର ଶ୍ରୀକପିଳେଶ୍ୱର ଦେବଙ୍କ ସହ ବଡ଼ ଭାଇ ଗ୍ରାମେଶ୍ୱର ଦେବ ଓ ଭାଉଜ ଗ୍ରାମେଶ୍ୱରୀ ସ୍ୱମନ୍ଦିର ବାହୁଡ଼ିଛନ୍ତି। ଗୁଣ୍ଡିଚା ମନ୍ଦିରରେ ଆସୀନ ହୋଇଥିବା ଶ୍ରୀଜୀଉଙ୍କୁ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସନ୍ଧ୍ୟା ୬ଟାରେ ଗ୍ରାମବାସୀଙ୍କ ପେଡିଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟା ୭ଟା ୩୦ରେ ଆଳତି ଓ ଶୁଖିଲି ଭୋଗ, ରାତି ୯ଟାରେ ଖେଚୁଡି ଭୋଗ ଲାଗି, ସାଢ଼େ ୯ଟାରେ ଗଜପତିଙ୍କ ଉତ୍ତରାଧିକାରୀଙ୍କୁ ଶିରିପା ପ୍ରଦାନ, ସାଢେ ୧୦ଟାରେ ଶ୍ରୀଜୀଉଙ୍କ ବିମାନ ପହଣ୍ଡି ନିରାଡ଼ମ୍ବର ଭାବେ ପାଳନ କରାଯାଇଥିଲା। ସାଢ଼େ ୧୨ଟାରେ ଶ୍ରୀଜୀଉଙ୍କୁ ସୀମିତ ଲୋକଙ୍କୁ ନେଇ ଦାଣ୍ଡ ପହଣ୍ଡି ଆରମ୍ଭ ହୋଇଥିଲା। ରାତି ୧ଟା ୨୦ରେ ପରିଚାଳନା ଟ୍ରଷ୍ଟବୋର୍ଡ ପକ୍ଷରୁ ରଥ ଉପରେ ଠାକୁରଙ୍କୁପଣା ଭୋଗଲାଗି, ସାଢେ ୧ଟା ଦିଅଁମାନେ ଗୁଣ୍ଡଚା ମନ୍ଦିରରୁ ସୁସଜ୍ଜିତ ବିମାନରେ ଯାଇ ୨ଟା ୨୦ରେ ପଣା କିଆରିରେ ଗୋପାଳଙ୍କ ଦ୍ୱାରା ପଣା ଭୋଗ ହୋଇଥିଲା। ଏହା ପରେ ଶ୍ରୀଜୀଉମାନେ ରଥାରୂଢ଼ ହୋଇଥିଲେ।



ରାତି ୩ଟାରେ ମା'ନାରାୟଣୀ ଚାହାଣି ମଣ୍ଡପରେ ବିଜେ ହୋଇଥିଲେ। ରାତି ସାଢ଼େ ୪ଟାରେ ବୃନ୍ଦାବନ ଚନ୍ଦ୍ରଙ୍କ ରଥ ଉପରେ ବୁଡ଼ାଘଷା ଭୋଗ, ୫ଟାରେ ମା'ନାରାୟଣୀ ଶ୍ରୀଜୀଉଙ୍କୁ ଭେଟବାଲିରେ ଦର୍ଶନ ଓ ମନ୍ଦିରକୁ ସ୍ୱାଗତ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଭାତ



@ ସୁଧାକର



@ ମହେଶ



@ ରଞ୍ଜିତ୍



@ ସୌମ୍ୟ



@ ସ୍ୱସ୍ତିକ



@ ଶୈଳେନ

## ଝାମୁଝରୀ, କୁଦିଆରୀରେ ଖୋଲିବ କୋଭିଡ୍ କେୟାର ସେଣ୍ଟର

ଖୋର୍ଦ୍ଧା ଅଫିସ,୨୪।୪

ଖୋର୍ଦ୍ଧା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ସଂକ୍ରମଣ ନିୟନ୍ତ୍ରଣ ଲାଗି ପ୍ରଶାସନ ପକ୍ଷରୁ ବହୁ ପଦକ୍ଷେପ ନିଆଯାଉଛି। କୋଭିଡ୍ ଟେଷ୍ଟ, ଟିକାକରଣ ଏବଂ ଟ୍ରେସିଂ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଜିଲାପାଳ ସନତ ମହାନ୍ତି କହିଛନ୍ତି। ସନ୍ଦିଗ୍ଧ ଅଞ୍ଚଳ ଉପରେ ନଜର ରହିଛି। ଅଧିକ ସଂଖ୍ୟକ ସଂକ୍ରମିତ ଅଞ୍ଚଳକୁ କଣ୍ଟେନମେଣ୍ଟ କରାଯିବ। ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତ, ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ନିୟନ୍ତ୍ରଣ ଲାଗି କୋଭିଡ୍ ଟେଷ୍ଟ କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ୧୦ଟି ବ୍ଲକରେ ୧୪ଟି କ୍ଲଷ୍ଟର ଟିଏମ୍‌ସି ରହିଛି। ଏଥିସହ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ବାଳକାଟୀଠାରେ ପୂର୍ବରୁ ଥିବା ୫୦ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ(ସିସିଏଚ)କୁ ଖୁବଶୀଘ୍ର ୧୬୦ ଶଯ୍ୟା କରାଯିବ। ଏଥିସହ ଝାମୁଝରୀ ଓ କୁଦିଆରୀଠାରେ ୫ଶହ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର (ସିସିସି) କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ପଜିଟିଭ୍ ବାହାରୁଥିବା ରୋଗୀ ଘରେ ରହି ଚିକିତ୍ସିତ ହେଉଛନ୍ତି। ପ୍ରତି ବ୍ଲକରେ ଆରଆରଟି ଟିମ୍ ରହିଛନ୍ତି। ଏହି ଟିମ୍ ହୋମ ଆଇସୋଲେଶନରେ ରହି ଚିକିତ୍ସିତ ହେଉଥିବା ସଂକ୍ରମିତଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝୁଛନ୍ତି। ଗୁରୁତର ରୋଗୀଙ୍କୁ ଭୁବନେଶ୍ୱର ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ। ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀମାନେ ବାଧ୍ୟତାମୂଳକ ସଙ୍ଗରୋଧରେ ରହିବେ। ପଶ୍ଚିମବଙ୍ଗ ଫେରନ୍ତାଙ୍କ ଉପରେ କଡ଼ା ନଜର ରହିଛି ବୋଲି ସେ କହିଛନ୍ତି। ଅନ୍ୟପଟେ ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି କହିଛନ୍ତି, ସମସ୍ତ କ୍ଲଷ୍ଟର ଟିଏମ୍‌ସିରେ ଗୋଟିଏ ଲେଖାଏ ଅକ୍ସିଜେନ ବ୍ୟବସ୍ଥା ରହିଛି। ୧୦ଟି ସିଏଚସିରେ ୨ଟି ଲେଖାଏ ରହିଛି। ସିସିଏଚ ଏବଂ ସିସିସିରେ ଆବଶ୍ୟକ ଶଯ୍ୟା ଅନୁସାରେ ଅକ୍ସିଜେନ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

### ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୦୦ ପଜିଟିଭ୍

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଶନିବାର ୧୦୦ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ ସଂକ୍ରମଣ ସଂଖ୍ୟା ୧୪,୧୦୪ରେ ପହଞ୍ଚିଛି। ସେଥିରୁ ୧୩୫୮୨ଜଣ ସୁସ୍ଥ ହୋଇଥିବା ବେଳେ ୫୭ଜଣଙ୍କ ମୃତ୍ୟୁ ଘଟିଛି। ୪୩୩ଜଣ ସକ୍ରିୟ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ୧୦ଟି କେନ୍ଦ୍ରରେ ୮୪୦ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିରୁ ଆରଟି-ପିସିଆର ୩୪୧, ଆଣ୍ଟିଜେନ ଟେଷ୍ଟ ୪୯୯ ରହିଛି। ସପ୍ତାହାନ୍ତ ଶଟ୍‌ଡାଉନ ଯୋଗୁ ଶନିବାର ଓ ରବିବାର ଟିକାକରଣ ବନ୍ଦ ରହିଛି।

# ରାସ୍ତାଘାଟ ଶୂନ୍‌ଶାନ, ଯାଞ୍ଚ କଡ଼ାକଡ଼ି

**ଖୋର୍ଦ୍ଧା ଅଫିସ/ଜଟଣୀ,୨୪।୪ (ଡି.ଏନ୍.ଏ.)**

ରାଜ୍ୟରେ କରୋନା ସଂକ୍ରମଣ ବଢ଼ି ଚାଲିଛି। ସଂକ୍ରମଣ ନିୟନ୍ତ୍ରଣ ଲାଗି ସରକାର ସପ୍ତାହାନ୍ତ ଶନି ଓ ରବିବାରକୁ ରାଜ୍ୟର ସମସ୍ତ ସହରାଞ୍ଚଳରେ ଶଟ୍‌ଡାଉନ କରିଛନ୍ତି। ଶଟ୍‌ଡାଉନର ପ୍ରଥମ ଶନିବାର ଖୋର୍ଦ୍ଧା ସହରରେ ପ୍ରଭାବ ଦେଖିବାକୁ ମିଳିଛି। ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଦୋକାନକୁ ବାଦଦେଲେ ସମସ୍ତ ଦୋକାନ, ବଜାର ବନ୍ଦ ରହିଥିଲା। ସେବାଭୁକ୍ତ କର୍ମଚାରୀ ଏବଂ ଅତି ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକଙ୍କୁ ରାସ୍ତାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ଖୋର୍ଦ୍ଧା ସମସ୍ତ ପ୍ରବେଶପଥ ରାସ୍ତା ଖାଁ ଖାଁ ରହିଥିଲା।



ଶଟ୍‌ଡାଉନ୍ ପାଇଁ ଖୋର୍ଦ୍ଧା ସମବାୟ ଛକ ରାସ୍ତା ଖାଁ ଖାଁ।

ଦୁଇ ଜାତୀୟ ରାଜପଥରେ ମାଲବାହୀ ଟ୍ରକ୍, ସେବା ଯୋଗାଉଥିବା ଯାନବାହନକୁ ବାଦ୍ ଦେଲେ ଅନ୍ୟ ଯାତାୟାତ ବନ୍ଦ ରହିଥିଲା। ସ୍ଥାନୀୟ ଜନସାଧାରଣ ଶଟ୍‌ଡାଉନକୁ ସମର୍ଥନ କରିଛନ୍ତି।

ପ୍ରଶାସନ ଏବଂ ପୋଲିସ ପକ୍ଷରୁ ବିଭିନ୍ନ ଛକରେ ଚେକିଂ କରାଯାଇଥିଲା। ଏସ୍‌ପି ରାଜକିଶୋର ଦୋରା, ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର, ଟାଉନ ଥାନାଧିକାରୀ ଉମାଶଙ୍କର ସିଂ, ତହସିଲଦାର ପଦ୍ମଚରଣ ସାହୁ ପ୍ରମୁଖ ନୂଆବସଷ୍ଟାଣ୍ଡରେ ଯାନବାହନ ଯାଞ୍ଚ କରିଥିଲେ। କେତେଜଣ ଅମାନିଆଙ୍କଠାରୁ ଜରିମାନା ଆଦାୟ ସହ ତାଗିଦ୍ କରି ଛାଡିଥିଲେ। ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସହରରେ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇଛି। ଏନେଇ ଏସ୍‌ପି ଦୋରା କହିଛନ୍ତି ଯେ, ଖୋର୍ଦ୍ଧା ସହରର ଚଣ୍ଡିଚୁଆ ଛକ, ନୂଆ ବସଷ୍ଟାଣ୍ଡ ଏବଂ ମୁକୁନ୍ଦପ୍ରସାଦଠାରେ ୩ଟି ଚେକ ପଏଣ୍ଟ କରାଯାଇଛି। ସେବାଭୁକ୍ତ କର୍ମଚାରୀଙ୍କୁ ବାଦ ଦେଲେ ରାସ୍ତାରେ ଚଳପ୍ରଚଳ ବନ୍ଦ ରହିଛି। ଶଟଡାଉନକୁ ସ୍ଥାନୀୟ ଲୋକଙ୍କ ସହଯୋଗ ରହିଛି। ରବିବାର ମଧ୍ୟ ଅନୁରୂପ ଭାବେ ଶଟଡାଉନ ସମୟରେ ଘରେ ରହିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ତହସିଲଦାର ସାହୁ କହିଛନ୍ତି, ପ୍ରଶାସନ ପକ୍ଷରୁ ଏନଫୋର୍ସମେଣ୍ଟ ଟିମ୍ ସହରରେ ଯାଞ୍ଚ କରୁଛନ୍ତି। ବଢ଼ି ଚାଲିଥିବା ସଂକ୍ରମଣକୁ ରୋକିବା ଲାଗି ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଅତି ଜରୁରୀ ହେଲେ କାମ ନ ଥିଲେ ଘରୁ ବାହାରନ୍ତୁ ନାହିଁ।

ସେହିପରି ଜଟଣୀ ସହର ଓ ଏହାର ପାଖଆଖ ଗ୍ରାମାଞ୍ଚଳରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଜଟଣୀ ପୋଲିସ ପକ୍ଷରୁ ସହରର ସମସ୍ତ ପ୍ରବେଶ ପଥରେ କଡ଼ାକଡ଼ି ଚେକିଂ କରାଯାଉଥିଲା। ସେବାଭୁକ୍ତ କର୍ମଚାରୀମାନେ ପରିଚୟ ପତ୍ର ଦେଖାଇ ଯାତାୟାତ କରିଥିଲେ। ଜରୁରୀ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଯାଉଂଥିବା ଲୋକେ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ଅମାନିଆଙ୍କଠାରୁ ପୋଲିସ ଜରିମାନା ଆଦାୟ କରିବା ସହ ତାଗିଦ କରୁଥିବା ଦେଖିବାକୁ ମିଳିଥିଲା।